Chapter- 7

# ଜାପାନ ଅନୁଭୂତି

## STUDY NOTES

**ବିଷୟର ସାରକଥା:-**

- ଲେଖକଙ୍କର ଜାପାନ ଯିବା ପାଇଁ ବହୁତ ଦିନରୁ ଇଚ୍ଛା ଥିଲା।
- ଶେଷରେ ଜାପାନ ଯିବା ଇଚ୍ଛା ଲେଖକଙ୍କର ପୂରଣ ହେଲା।
- କେତେ ଜଣ ଭାରତୀୟ ଛାତ୍ରଙ୍କ ସହ ଲେଖକ ଜାପାନଗସ୍ତ କଲେ।
- ଟୋକିଓରେ ପହଞ୍ଚି ସାରିଥିଲେ ତାଙ୍କର ସମସ୍ତ ସଦସ୍ୟ।
- ଜାପାନର ରାସ୍ତାଘାଟ ପୂରା ଚକାଚକ୍। କେଉଁଠି ଟୁକୁରା କାଗଜ ଖଣ୍ଡିଏ ମଧ୍ୟ ପଡ଼ିନଥାଏ।
- ଛକମାନଙ୍କରେ ଟ୍ରାଫିକ୍ ଲାଇଟ୍ ଯଥେଷ୍ଟ।
- ସ୍ୱୟଂଚାଳିତ ଯନ୍ତ୍ର ସାହାଯ୍ୟରେ ଦୋକାନରେ କିଣାବିକା ହୋଇଥାଏ। ଦୋକାନୀ କେହି ନଥା'ନ୍ତି।
- ଅଳିଆ ପକାଇବା ପାଇଁ ଡଷ୍ଟବିନ୍‌ର ବ୍ୟବସ୍ଥା ହୋଇଥାଏ।
- ଡଷ୍ଟବିନ୍‌ରୁ ମଧ୍ୟ ପୁନଃଚକ୍ରଣ ପ୍ରକ୍ରିୟାରେ ଆବଶ୍ୟକ ଜିନିଷ ପ୍ରସ୍ତୁତ କରାଯାଇଥାଏ।
- ଜାପାନରେ ୧୫ ବର୍ଷ ପର୍ଯ୍ୟନ୍ତ ସମସ୍ତଙ୍କୁ ମାଗଣା ଶିକ୍ଷା ଦିଆଯାଇଥାଏ।
- ଜାପାନରେ ମାତୃଭାଷାକୁ ପ୍ରାଧାନ୍ୟ ଦିଆଯାଇଥାଏ।
- ଛାତ୍ରମାନେ ବୈଜ୍ଞାନିକ ହେବା ପାଇଁ ଲକ୍ଷ୍ୟ ରଖିଥା'ନ୍ତି।
- ଛାତ୍ରଛାତ୍ରୀମାନେ ପିଅନ ଉପରେ ନିର୍ଭର କରନ୍ତି ନାହିଁ।
- ନିଜ କାମ ସେମାନେ ନିଜେ କରନ୍ତି।
- ଜାପାନୀମାନେ ପରିଶ୍ରମୀ ଓ କର୍ମଠ।
- ସେମାନେ ଭାରି ଶୃଙ୍ଖଳିତ ଓ ସମୟାନୁବର୍ତ୍ତୀ।
- ସେମାନେ ସମୟ ଅନୁସାରେ ସବୁ କାମ କରିଥା'ନ୍ତି।
- ବିଳମ୍ବକୁ ସେମାନେ ପସନ୍ଦ କରନ୍ତି ନାହିଁ।
- ଦୁଇ ମିନିଟ୍ ବିଳମ୍ବ ହେତୁ ତିନିଜଣ ଭାରତୀୟ ଛାତ୍ର ପ୍ରାତଃ ଭୋଜନରୁ ବଞ୍ଚିତ ହୋଇଥିଲେ।
- ଜାପାନୀମାନେ ଆଜି ଆଗୁଆ ତାଙ୍କର ଜୀବନଶୈଳୀ ଓ ସମୟାନୁବର୍ତ୍ତିତା ପାଇଁ।
- ଜାପାନୀମାନେ ଭାଷଣକୁ ପସନ୍ଦ କରନ୍ତି ନାହିଁ।

ODM EDUCATIONAL GROUP Changing your Tomorrow

- ସେମାନେ ଖୁବ୍ କମ୍ କଥା କହନ୍ତି।
- ଜାପାନୀମାନେ ଭାରି ଧୀର, ଭଦ୍ର, ନମ୍ର ସ୍ୱଭାବର।
- ସେମାନେ ଅଣ୍ଟା ନଇଁ ସମସ୍ତଙ୍କୁ ଅଭିବାଦନ ଜଣାନ୍ତି।
- ଜାପାନର ସଂସ୍କୃତି ଓ ପରମ୍ପରା ମହାନ୍।
- ସେମାନଙ୍କଠାରୁ ଅନେକ କଥା ଶିଖିବାର ଅଛି।
- ତାଙ୍କ ଭଳି ପରିଶ୍ରମୀ, କର୍ମଠ ଓ ସମୟାନୁବର୍ତ୍ତୀ ହେଲେ ଆମ ଦେଶ ଉନ୍ନତିର ଚରମସୀମାରେ ପହଞ୍ଚିପାରିବ।

**କଷ୍ଟ ଶବ୍ଦର ଅର୍ଥ:-**

| | | | |
|---|---|---|---|
| ଅଭିଳାଷ | ଇଚ୍ଛା | ନଜର | ଦୃଷ୍ଟି |
| ସୁଯୋଗ | ମଉକା | ଶୃଙ୍ଖଳିତ | ନିୟମବଦ୍ଧ |
| ଉତ୍କଣ୍ଠା | ମନର ଆବେଗ | ସାମଗ୍ରୀ | ଜିନିଷପତ୍ର |
| ଅଗ୍ରସର | ଆଗେଇବା | ଅବଶିଷ୍ଟ | ବଳକା |
| ଟୁକୁରା | ଛୋଟ କାଗଜ ଖଣ୍ଡ | ବୈଷୟିକ | ଯାନ୍ତ୍ରିକ |
| ପଦଚାରୀ | ପାଦରେ ଯିଏ ଚାଲନ୍ତି | ସ୍ୱୟଂଚାଳିତ | ନିଜେ ଚାଲୁଥିବା |
| ନିୟନ୍ତ୍ରଣ | ପରିଚାଳନା | ସଂଯୋଜିକା | ସଂଯୋଗ ରକ୍ଷାକାରିଣୀ |
| ବର୍ଜ୍ୟବସ୍ତୁ | ଅଦରକାରୀ | ଦାହ୍ୟ | ପୋଡ଼ାଯିବା |
| ଦୈନନ୍ଦିନ | ନିତିଦିନିଆ | ଗୁରୁତ୍ୱ | ପ୍ରାଧାନ୍ୟ |
| ଆବର୍ଜନା | ମଇଳା | ପ୍ରକୋଷ୍ଠ | ଗୃହ |
| ସତର୍କ | ସାବଧାନ | ଶୌଚାଳୟ | ପାଇଖାନା |
| ପଦ୍ଧତି | ପ୍ରଣାଳୀ | ଦଳବଦ୍ଧ | ଏକାଠି |
| କର୍ମଠ | କାମ ପ୍ରତି ଆଗ୍ରହ | ନିର୍ଦ୍ଦେଶ | ଆଦେଶ |
| ଅନୁଭୂତି | ଅନୁଭବ | ଅନୁସନ୍ଧାନ | ପତ୍ତା ଲଗାଇବା |
| ନିଦର୍ଶନ | ଉଦାହରଣ, ନମୂନା | ନିଘୋଡ଼ | ଗାଢ଼ |
| ନିର୍ଦ୍ଧାରିତ | ସ୍ଥିରୀକୃତ | ତୁରନ୍ତ | ଶୀଘ୍ର |
| ସ୍ୱଭାବ | ଆଚରଣ | ବଞ୍ଚିତ | ନ ପାଇବା |
| ଅଭିବାଦନ | ନମସ୍କାର, ସ୍ୱାଗତ | ଅସମର୍ଥ | ସମର୍ଥ ନ ହେବା |
| ଉତ୍କୃଷ୍ଟ | ଶ୍ରେଷ୍ଠ, ପ୍ରଧାନ | ଭ୍ରମଣ | ବୁଲିବା |

ODM EDUCATIONAL GROUP Changing your Tomorrow

**ବହି ପ୍ରଶ୍ନଉତ୍ତର:-**

**୧. ଆସ କଥାବାର୍ତ୍ତା ହେବା ।**

କ) ଜାପାନ ଦେଶ ଆଉ କେଉଁ ନାମରେ ଜଣାଶୁଣା ?

ଉ: ଜାପାନ ଦେଶ ସୂର୍ଯ୍ୟୋଦୟର ଦେଶ ନାମରେ ଜଣାଶୁଣା ।

ଖ) ଜାପାନର ସମୟ ଓ ଭାରତର ସମୟ ମଧ୍ୟରେ କେତେ ତଫାତ୍ ଥାଏ ?

ଉ: ଜାପାନର ସମୟ ଓ ଭାରତର ସମୟ ମଧ୍ୟରେ ୩ ଘଣ୍ଟା ୩୦ ମିନିଟ୍‌ର ତଫାତ୍ ଥାଏ ।

ଗ) ଜାପାନର ରାସ୍ତାରେ ଟ୍ରାଫିକ୍ ନିୟନ୍ତ୍ରଣ କିପରି ହୋଇଥାଏ ?

ଉ: ଟ୍ରାଫିକ୍ ଲାଇଟ୍‌ର ସଙ୍କେତ ଦ୍ୱାରା ଜାପାନର ରାସ୍ତାରେ ଟ୍ରାଫିକ୍ ନିୟନ୍ତ୍ରଣ ହୋଇଥାଏ ।

ଘ) ଜାପାନୀମାନେ ବର୍ଜ୍ୟବସ୍ତୁରୁ କ'ଣ ସବୁ ବ୍ୟବହାର୍ଯ୍ୟ ପଦାର୍ଥ ତିଆରି କରିଥା'ନ୍ତି ?

ଉ: ଜାପାନୀମାନେ ବର୍ଜ୍ୟବସ୍ତୁରୁ ନାନା ରଙ୍ଗର ପୋଷାକ, ବୋତଲ, ଟ୍ରେ, କାର୍ଟୁନ ଇତ୍ୟାଦି ତିଆରି କରିଥା'ନ୍ତି ।

ଙ) ଜାପାନୀମାନେ ଅନ୍ୟମାନଙ୍କୁ କିପରି ଅଭିବାଦନ ଜଣାଇଥା'ନ୍ତି ?

ଉ: ଜାପାନୀମାନେ ଅନ୍ୟମାନଙ୍କୁ ଅଭିବାଦନ ଜଣାଇଲା ବେଳେ ପୂରା ଅଣ୍ଟାଠାରୁ ନଇଁ ସମ୍ମାନ ଜଣାଇଥା'ନ୍ତି ।

**୨. 'କ' ସ୍ତମ୍ଭର ଶବ୍ଦ ସହିତ 'ଖ' ସ୍ତମ୍ଭର ସମ୍ପର୍କ ଥିବା ଶବ୍ଦକୁ ଗାର ଟାଣି ଯୋଡ଼ିବା ।**

| 'କ' ସ୍ତମ୍ଭ | 'ଖ' ସ୍ତମ୍ଭ |
|---|---|
| ଖାଲ | ଢିପ |
| ଖେଳ | କୁଦ |
| ଧୂଳି | ମାଟି |
| ସଭା | ସମିତି |
| ଯାନ | ବାହନ |
| ଯନ୍ତ୍ର | ପାତି |
| ରାସ୍ତା | ଘାଟ |

ODM EDUCATIONAL GROUP Changing your Tomorrow

୩. ବନ୍ଧନୀ ମଧ୍ୟରୁ ଉପଯୁକ୍ତ ଶବ୍ଦ ବାଛି ଶୂନ୍ୟସ୍ଥାନ ପୂରଣ କର।

(ତ, ଏବଂ, ସେମିତି, ଯଦି, ମଧ୍ୟ)

କ) ମୁଁ **ଯଦି** ଯିବି, ତେବେ ତୋ ପାଇଁ ପୋଷାକ କିଣିନେବି।

ଖ) ରୀତି ଯେମିତି ରୂପରେ ସୁନ୍ଦର **ସେମିତି** ଗୁଣର ମଧ୍ୟ ଅଧିକାରିଣୀ।

ଗ) ବାପା ପୋଷାକ **ଏବଂ** ମିଠେଇ ଦେଲେ।

ଘ) ତୁ **ତ** ଆଗରୁ ତାଙ୍କୁ ଦେଖିନଥିଲୁ, ତେବେ ଚିହ୍ନିଲୁ କିପରି ?

୪. ତଳ ଶବ୍ଦଗୁଡ଼ିକର ବିପରୀତ ଲିଙ୍ଗ ପ୍ରକାଶ କରୁଥିବା ଶବ୍ଦ ଲେଖିବା।

ଶିକ୍ଷିକା - ଶିକ୍ଷକ

ପରିଚାରିକା - ପରିଚାରକ

ସଂଯୋଜିକା - ସଂଯୋଜକ

ଛାତ୍ର - ଛାତ୍ରୀ

ବୟସ୍କ - ବୟସ୍କା

୫. 'କାରଖାନାରେ ବହୁତ ଯନ୍ତ୍ରପାତି **ଖଞ୍ଜାଯାଇଛି**।'

ଏହି ବାକ୍ୟରେ ଯେଉଁ ଶବ୍ଦ ତଳେ ଗାର ( ______ ) ଦିଆଯାଇଛି, ତାହା ଏକ କ୍ରିୟାପଦ। ସେହିପରି ତଳ ବାକ୍ୟଗୁଡ଼ିକରୁ ଯେଉଁ ଶବ୍ଦଗୁଡ଼ିକ କ୍ରିୟାପଦ, ତା' ତଳେ ଗାର ଦେବା।

କ) ଆମେ ନରିତା ବିମାନ ବନ୍ଦରରେ **ଓହ୍ଲାଇଲୁ** ।

ଖ) ସେମାନେ ପରସ୍ପର କଥା **ହେଉଛନ୍ତି** ।

ଗ) ଜାପାନୀମାନେ ଖୁବ୍ କମ୍ କଥା **କୁହନ୍ତି** ।

ଘ) ପିଲାମାନେ କାଲି ବଣଭୋଜି **କରିବେ**।

ଙ) ମୁଁ ଶିକ୍ଷକଙ୍କୁ ମୋ ଅସୁବିଧା **ଜଣାଇଲି**।

୬. ବାମପାଖ ଗୋଲେଇରେ ଶବ୍ଦ ସହିତ ଡାହାଣ ପାଖ ଗୋଲେଇର ସମ୍ପର୍କ ଥିବା ଶବ୍ଦକୁ ଏକାଠି କରି ଲେଖିବା।

ଉ: ନିଘୋଡ଼ ନିଦ, ପ୍ରଚଣ୍ଡ ଖରା, ଅତ୍ୟନ୍ତ ଆନନ୍ଦ, ଉତ୍କଟ ଗନ୍ଧ, କଠୋର ଦଣ୍ଡ, ଅସହ୍ୟ ଯନ୍ତ୍ରଣା, କୋମଳ ସ୍ୱର

୭. ତଳ ଉକ୍ତିଗୁଡ଼ିକରେ 'ରୀତା' ଶବ୍ଦଟି ବାରମ୍ବାର ବ୍ୟବହୃତ ହୋଇଛି। 'ରୀତା' ଶବ୍ଦ ବଦଳରେ ଆଉ ଯେଉଁ ପଦ ବ୍ୟବହାର କଲେ, ବାକ୍ୟର ଅର୍ଥ ବଦଳିବ ନାହିଁ। ସେହି ପଦକୁ ତା' ପାଖ ବନ୍ଧନୀ ମଧ୍ୟରେ ଲେଖିବା।

କ) (ତା'ର) ଗୋଟିଏ ଗୁଲୁଗୁଲିଆ ଭାଇ ଅଛି।

ଖ) (ତା'ର) ବାପା ରୀତା ପାଇଁ ଓ (ତା') ଭାଇ ପାଇଁ ଦୁଇଟି ଖେଳନା ଆଣିଲେ।

ଗ) (ତାକୁ) ବଡ଼ ଖେଳନାଟି ଦେଲେ।

୮. ‘ଲୋକଟି ରାସ୍ତାରେ ସାଇକେଲ ଚଳାଇ ଯାଉଛି।’

ଏହି ବାକ୍ୟରେ ଗାର ଦିଆଯାଇଥିବା ଶବ୍ଦଟି ‘ଗୋଟିଏ ଲୋକ’କୁ ବୁଝାଉଛି। ବହୁତ ଲୋକ ବୁଝାଇବାକୁ ହେଲେ ବାକ୍ୟଟି ଏପରି ହେବ।

‘ଲୋକମାନେ ରାସ୍ତାରେ ସାଇକେଲରେ ଯାଉଛନ୍ତି।’

ସେହିପରି ତଳ ବାକ୍ୟଗୁଡ଼ିକରେ ଗାର ଦିଆଯାଇଥିବା ପଦ ବହୁତ ବା ଅନେକ ଅର୍ଥ ବୁଝାଇବା ପାଇଁ କ’ଣ ହେବ ସେହି ଅନୁସାରେ ବଦଳାଇ ଲେଖିବା।

କ) **ଗାଈଟି** ପଡ଼ିଆରେ ଚରୁଥିଲା।

ଉ: ଗାଈଗୁଡ଼ିକ ପଡ଼ିଆରେ ଚରୁଥିଲେ।

ଖ) ସେଦିନ **ମୁଁ** ନୂଆଦିଲ୍ଲୀରୁ ଯାତ୍ରା ଆରମ୍ଭ କଲି।

ଉ: ସେଦିନ ସେମାନେ ନୂଆଦିଲ୍ଲୀରୁ ଯାତ୍ରା ଆରମ୍ଭ କଲେ।

ଗ) **ମହିଳାଜଣକ** ଆମକୁ ଅପେକ୍ଷା କରିଛନ୍ତି।

ଉ: ମହିଳାମାନେ ଆମକୁ ଅପେକ୍ଷା କରିଛନ୍ତି।

ଘ) **ବସ୍‌ଟି** କାଲି ଏଠାରୁ ନବରଙ୍ଗପୁର ଯିବ।

ଉ: ବସ୍‌ଗୁଡ଼ିକ କାଲି ଏଠାରୁ ନବରଙ୍ଗପୁର ଯିବ।

ଙ) କୃଷ୍ଣମୋହନ ବାବୁଙ୍କ **ଝିଅଟି** ଖୁବ୍ ଚାଲାକ୍।

ଉ: କୃଷ୍ଣମୋହନ ବାବୁଙ୍କ ଝିଅମାନେ ଖୁବ୍ ଚାଲାକ।

୯. ତଳ ପ୍ରଶ୍ନଗୁଡ଼ିକର ଉତ୍ତର ଲେଖିବା।

କ) ଜାପାନୀମାନେ ପରିଶ୍ରମୀ ବୋଲି ଲେଖକ ଜାଣିପାରିଥିଲେ କିପରି ?

ଉ: ଜାପାନୀମାନେ ପରିଶ୍ରମୀ ବୋଲି ଲେଖକ ତାଙ୍କ ଅଙ୍ଗେଲିଭା ଅନୁଭୂତିରୁ ଜାଣିପାରିଥିଲେ।

ଖ) ଜାପାନୀମାନେ ଡଷ୍ଟବିନ୍ ବ୍ୟବହାର ପ୍ରକ୍ରିୟାରୁ ତୁମେ କ’ଣ ବୁଝୁଛ ଲେଖ।

ଉ: ଅଦରକାରୀ ଜିନିଷରୁ କିପରି ଦରକାରୀ ଜିନିଷ ତିଆରି ହୋଇପାରିବ, ଜାପାନୀମାନଙ୍କର ଡଷ୍ଟବିନ୍ ବ୍ୟବହାର ପ୍ରକ୍ରିୟାରୁ ଆମେ ବୁଝୁଛୁ।

ଗ) ଜାପାନ ଦେଶର ଶିକ୍ଷା ବ୍ୟବସ୍ଥା ବିଷୟରେ ଯାହା ଜାଣିଲ ଲେଖ।

ଉ: ଜାପାନ ଦେଶର ଶିକ୍ଷା ବ୍ୟବସ୍ଥା ଅତୀବ ଉତ୍ତମ। ୧୫ ବର୍ଷ ବୟସ ପର୍ଯ୍ୟନ୍ତ ପିଲାଙ୍କ ପାଠପଢ଼ା ବାଧ୍ୟତାମୂଳକ ଅଟେ। ଜାପାନ୍‌ରେ ମାତୃଭାଷାକୁ ଅଧିକ ଗୁରୁତ୍ୱ ଦିଆଯାଏ।

ODM EDUCATIONAL GROUP Changing your Tomorrow

ଘ) ଭାରତୀୟ ପିଲା ତିନିଜଣ ସେଦିନ ପ୍ରାତଃଭୋଜନ ଖାଇପାରିଲେ ନାହିଁ କାହିଁକ ?

ଉ: ନିର୍ଦ୍ଧାରିତ ସମୟରେ ଭୋଜନ ସ୍ଥାନରେ ନ ପହଞ୍ଚିବାରୁ ଭାରତୀୟ ପିଲା ତିନିଜଣ ପ୍ରାତଃ ଭୋଜନ ଖାଇପାରିଲେ ନାହିଁ।

ଙ) 'ମନ ଜାଣି ଫଳ'- ଏଥିରୁ ତୁମେ କ'ଣ ବୁଝ ?

ଉ: 'ମନ ଜାଣି ଫଳ'- ଏହାର ଅର୍ଥ ଯିଏ ଯେମିତି ମନରେ ଆଶାପୋଷଣ କରିଥାଏ, ସେହିଭଳି ଫଳ ପାଇଥାଏ।

ଚ) ଜାପାନୀମାନେ ଦୋକାନରୁ ନିଜ ବ୍ୟାଗ୍‌ରେ ଜିନିଷ ଆଣିବାକୁ ପସନ୍ଦ କରିଥା'ନ୍ତି କାହିଁକି ?

ଉ: ପଲିଥିନ୍ ବ୍ୟବହାରକୁ ନିଷିଦ୍ଧ କରିବା ପାଇଁ ଜାପାନୀମାନେ ନିଜ ବ୍ୟାଗ୍‌ରେ ଜିନିଷ ଆଣିବାକୁ ପସନ୍ଦ କରିଥା'ନ୍ତି।

୧୦. ତଳଲିଖିତ ଶବ୍ଦଗୁଡ଼ିକୁ ବାକ୍ୟରେ ବ୍ୟବହାର କରିବା।

ଅଭିଳାଷ – ଭବିଷ୍ୟତରେ ଡାକ୍ତର ହେବା ପାଇଁ ମୋର ଅଭିଳାଷ ଅଛି।

ଅଗ୍ରସର – ଚୀନ୍ ସେନା ଭାରତ ଆଡ଼କୁ ଅଗ୍ରସର ହେଉଛନ୍ତି।

ଅନୁସନ୍ଧାନ- ପୁଲିସ୍ ଚୋରକୁ ଅନୁସନ୍ଧାନ କରୁଛି।

ଅଭିବାଦନ- ରାଷ୍ଟ୍ରପତିଙ୍କୁ ପ୍ରଧାନମନ୍ତ୍ରୀ ଅଭିବାଦନ ଜଣାଇଲେ।

ଆଗ୍ରହ – ଆଗ୍ରହରେ ସବୁକାମ କରିବା ଉଚିତ୍।

୧୧. ତଳେ ଦିଆଯାଇଥିବା ବାକ୍ୟଗୁଡ଼ିକୁ ପଢ଼ି, ପ୍ରତିବାକ୍ୟ ପାଇଁ ପ୍ରଶ୍ନମାନ ତିଆରି କରିବା।

କ) ଟୋକିଓର ରାସ୍ତାଘାଟ ପୂରା ଚକ୍‌ଚକ୍ ଦିଶୁଥାଏ।

ଉ: ଟୋକିଓର ରାସ୍ତାଘାଟ କିପରି ଦିଶୁଥାଏ ?

ଖ) ଜାପାନର ରାସ୍ତାର ଛକମାନଙ୍କରେ ଯାନବାହନ ଓ ପଦଚାରୀମାନଙ୍କୁ ନିୟନ୍ତ୍ରଣ କରିବା ପାଇଁ ଟ୍ରାଫିକ୍ ଲାଇଟ୍‌ର ସଙ୍କେତ ଯଥେଷ୍ଟ।

ଉ: ଜାପାନର ରାସ୍ତାର ଛକମାନଙ୍କରେ ଯାନବାହନ ଓ ପଦଚାରୀମାନଙ୍କୁ ନିୟନ୍ତ୍ରଣ କରିବା ପାଇଁ କ'ଣ ଯଥେଷ୍ଟ ହୋଇଥାଏ ?

ଗ) ଗ୍ରାହକ ଜାପାନୀ 'ୟେନ' ପକାଇବା ମାତ୍ରେ ଭିତରେ ଏକ ନାଲି ରଙ୍ଗର ଆଲୋକ ଜଳିଥାଏ।

ଉ: ଗ୍ରାହକ କ'ଣ ପକାଇବା ମାତ୍ରେ ଭିତରେ ଏକ ନାଲିରଙ୍ଗର ଆଲୋକ ଜଳିଉଠେ ?

ଘ) ଦୈନନ୍ଦିନ ଜୀବନରେ ଆବର୍ଜନାର ପରିମାଣ କମାଇବା ପାଇଁ ଜାପାନୀମାନେ ମୂଳରୁ ସତର୍କତା ଅବଲମ୍ବନ କରିଥା'ନ୍ତି ।

ଉ: ଦୈନନ୍ଦିନ ଜୀବନରେ କାହାର ପରିମାଣ କମାଇବା ପାଇଁ ଜାପାନୀମାନେ ମୂଳରୁ ସତର୍କତା ଅବଲମ୍ବନ କରିଥା'ନ୍ତି ?

ଙ) ଜାପାନୀ ଛାତ୍ରମାନେ ଗଣିତ, ବିଜ୍ଞାନରେ ପଛୁଆ ନୁହଁନ୍ତି ।

ଉ: ଜାପାନୀ ଛାତ୍ରମାନେ କେଉଁ ବିଷୟରେ ପଛୁଆ ନୁହଁନ୍ତି ?

ଚ) ଜାପାନରେ ମାତୃଭାଷାକୁ ଅଧିକ ଗୁରୁତ୍ୱ ଦିଆଯାଏ ।

ଉ: ଜାପାନରେ କେଉଁ ଭାଷାକୁ ଅଧିକ ଗୁରୁତ୍ୱ ଦିଆଯାଏ ?

♦ ♦ ♦

ODM EDUCATIONAL GROUP
Changing your Tomorrow